# ପିଲାଙ୍କ ଧରିତ୍ରୀ

ଶନିବାର, ୦୪ ମେ, ୨୦୧୯





୬ କବିତା

୨ ଗପ









୮ ଆଇନା

ଆସ ଜାଣିବା ୩

୭ ଜଣା-ଅଜଣା

# ଖୁଲି ଖୁଲି ହସ



**(ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା )**

ଅମନ : ରୋହନ, ମୁଁ ଯଦି ତୋତେ ଦୁଇଟି ବିଲେଇ ଦେବି, ପୁଣି ଆଉ ୨ଟା ବିଲେଇ ଦେବି, ପୁଣି ୨ଟା ଦେବି; ତେବେ ତୋ ପାଖରେ କେତେଟା ବିଲେଇ ରହିବ ?

ରୋହନ: ୭ଟା।

ଅମନ: କେମିତି ?

ରୋହନ: ଆରେ ଆମ ଘରେ ଆଉ ଗୋଟେ ବିଲେଇ ଆଗରୁ ଅଛି।

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ କହିଲେ– ଚିଙ୍କୁ, କୁତବ ମିନାର କେଉଁଠି ?

ଚିଙ୍କୁ: ସାର୍ ମୁଁ ଜାଣିନି ?

ଶିକ୍ଷକ: ବେଞ୍ଚ ଉପରେ ଠିଆ ହୋଇ ଯାଅ ଚିଙ୍କୁ ?

ଚିଙ୍କୁ: ସାର୍, କୁତବମିନାର ଏବେ ବି ତ ଦେଖାଯାଉନି ?



ଶିକ୍ଷକ ରାମୁକୁ ପଚାରିଲେ – ଆରେ ରାମୁ, ଦୁନିଆଟା ଗୋଲ ନା ଚେପ୍‌ଟା ?

ରାମୁ: ସାର୍, ଦୁନିଆଟା ନା ଗୋଲ ନା ଚେପ୍‌ଟା, ମୋ ବାପା କହୁଥିଲେ ଦୁନିଆଟା 'ଚାରିଶ ବିଶ୍'ବୋଲି।



## ମତାମତ

➤ 'ପବନରୁ ଖୋଜ' ଗପଟିରୁ ଶିଶୁମାନେ ଶିକ୍ଷା ମାଧ୍ୟମରେ କିପରି ଦୀକ୍ଷା ଗ୍ରହଣ କଲେ ଜାଣିବାକୁ ମିଳିଲା। ତୁମ ତୂଳୀରୁ ପୃଷ୍ଠାରେ କୁନି କୁନି ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡିକ ଖୁବ୍ ସୁନ୍ଦର ଲାଗେ।

– ମୃଣ୍ମୟୀ ମହାପାତ୍ର, ବିନିକା, ସୁବର୍ଣ୍ଣପୁର

➤ କାଲିଫର୍ନିଆର ସାନ୍‌ଫ୍ରାନ୍ସିସ୍କୋଠାରେ ପ୍ରତିଷ୍ଠା କରାଯାଇଥିବା 'ମ୍ୟୁଜିୟମ ଅଫ୍ ଆଇସ୍‌କ୍ରିମ୍' ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା।

– ମାନସ ରଞ୍ଜନ ସ୍ୱାଇଁ, ବ୍ରହ୍ମଗିରି, ପୁରୀ

➤ 'ସାପର ଗୋଡ ନାହିଁ କାହିଁକି' ବିଜ୍ଞାନ ଭିତ୍ତିକ ଗପ ବେଶ୍ ଶିକ୍ଷଣୀୟ। କବିତା ସ୍ତମ୍ଭରେ ଆହୁରି କବିତା ପ୍ରକାଶ ପାଇଲେ ଭଲ ହୁଅନ୍ତା।

– ଜ୍ୟୋତିରଞ୍ଜନ ସାହୁ, ପାଟକୁରା, କେନ୍ଦ୍ରାପଡା

➤ ଶିଶୁ ପ୍ରତିଭାରେ ସ୍ଥାନ ପାଇଥିବା ସ୍ମୃତିରଞ୍ଜନଙ୍କ କୃତିତ୍ୱ ବିଷୟରେ ପଢି ଖୁସି ଲାଗିଲା। କହିଲ ଦେଖିର ଉତ୍ତର ଦେବାକୁ ମଜା ଲାଗୁଛି।

– ମୋନିକା, ସିପୁନ୍ ଡୁମୁଡୁମା,ଭୁବନେଶ୍ୱର

## ପଛରେ ପଡ଼ିଲା ଘଣ୍ଟା

ଗପ



ପିଣ୍ଟୁ ଭାରି ଅଳସୁଆ। ଘଣ୍ଟାରେ ଆଲାର୍ମ ଦେଇ ଶୁଏ ସିନା, କିନ୍ତୁ ଆଲାର୍ମ ବାଜିଲେ ବି ସେ ଶଯ୍ୟା ଛାଡ଼େ ନାହିଁ। ଫଳରେ ସ୍କୁଲ ଯିବା ଡେରି ହୁଏ। ନିତ୍ୟକର୍ମ ଓ ପାଠପଢ଼ାରେ ହେଳା ହୁଏ। ଏମିତି ଦିନ ପରେ ଦିନ ଗଡ଼ିଚାଲିଲା। ପରୀକ୍ଷା ବେଳ ଆସିଲା। ହେଲେ କ'ଣ ହେବ, ସେଇ ସମାନ ଅବସ୍ଥା। ଡେରିରେ ଉଠେ, ତରତର ହୋଇ ବାହାରେ ସ୍କୁଲ। ସ୍କୁଲରେ ପହଞ୍ଚିଲା ବେଳକୁ ପରୀକ୍ଷା ଆରମ୍ଭ ହୋଇସାରିଥାଏ। ତରତର ହୋଇ ଉତ୍ତର ଲେଖିଲେ ହୁଏ ବହୁତ ଭୁଲ। ଶେଷରେ ଫଳ ବାହାରିଲା ବେଳକୁ ମନଦୁଃଖ ହୁଏ ପିଣ୍ଟୁର। ଏ ଘଟଣା ଘଣ୍ଟା ଦେଖୁଥାଏ। ଘଣ୍ଟା କହିଲା, ଦେଖ୍ ପିଣ୍ଟୁ ମୁଁ ଯେମିତି ଠିକ୍ ସମୟରେ ମୋ କାମ କରିଚାଲିଛି ତୁ ବି ସେମିତି କାମ କରିଚାଲ। ସୁଫଳ ନିଶ୍ଚୟ ପାଇବୁ। ତୋଠାରୁ ଅନ୍ୟମାନେ ଶିଖିବେ। କଥାଟା ପିଣ୍ଟୁ ମନକୁ ପାଇଲା। ଆଉ ତା'ପରଠାରୁ ଠିକ୍ ସମୟରେ ଉଠିବାକୁ ଅଭ୍ୟାସ କଲା। କିଛିଦିନ ଭିତରେ ପିଣ୍ଟୁର ଅଭ୍ୟାସ ଏମିତି ହେଲା ଯେ, ଘଣ୍ଟାରେ ଆଲାର୍ମ ବାଜିବାର ଠିକ୍ ପୂର୍ବରୁ ପିଣ୍ଟୁର ନିଦ ଭାଙ୍ଗିଯାଏ। ଏଣୁ ଆଉ ଆଲାର୍ମର ଦରକାର ପଡ଼ିଲାନି। କାରଣ ସବୁ କାମ ରୁଟିନର ନିର୍ଘଣ୍ଟ ସମୟଠାରୁ ପାଞ୍ଚ ମିନିଟ୍ ପୂର୍ବରୁ ସାରିଦିଏ ପିଣ୍ଟୁ। ଏଇମିତି ପିଣ୍ଟୁର ପାଠପଢ଼ା, ଖେଳ, ମନୋରଞ୍ଜନ, ଖାଇବା, ଶୋଇବା ସବୁ ଠିକ୍ ଢଙ୍ଗରେ ଚାଲିଲା। ବର୍ଷ ଶେଷରେ ପରୀକ୍ଷା ଦିନ ଆସି ପହଞ୍ଚିଲା। ଏଥର ପିଣ୍ଟୁ ସମୟ ପରିଚାଳନା ଏମିତି କଲା ଯେ, ଆଉ ଘଣ୍ଟାର ସହଯୋଗ ଦରକାର ପଡ଼ିଲାନି। କାରଣ ଘଣ୍ଟା, ସମୟ କହିବା ପୂର୍ବରୁ ପିଣ୍ଟୁ ସବୁ କାମ ଠିକ୍ ସମୟରେ ସାରିଦେଇଥାଏ। ପରୀକ୍ଷା ଫଳ ବାହାରିଲା। ପିଣ୍ଟୁ ଶ୍ରେଣୀରେ ପ୍ରଥମ ହେଲା ଏବଂ ସମୟାନୁବର୍ତ୍ତିତା ପାଇଁ ପୁରସ୍କାର ମଧ୍ୟ ପାଇଲା। ଆଗକୁ ପିଣ୍ଟୁ ପ୍ରତ୍ୟେକ କାମରେ ସଫଳ ନିଶ୍ଚୟ ହେବ ବୋଲି ଜଣାପଡ଼ିଗଲା। ଏହା ଦେଖି ଘଣ୍ଟା କହିଲା, ପିଣ୍ଟୁ ତୁ ମୋତେ ପଛରେ ପକାଇଦେଲୁ। ଏକଥା ଶୁଣି ପିଣ୍ଟୁର ଖୁସି କହିଲେ ନ ସରେ। ପିଣ୍ଟୁ କହିଲା, ମୋର କାମ ତୁମ ସମୟଠାରୁ ପାଞ୍ଚମିନିଟ୍ ଆଗରୁ ସରୁଛି ବୁଝିଲ।

–ଶୁଭନାରାୟଣ ଶତପଥୀ
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ବିନ୍ଦୁ ଯୋଡ଼



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



আସ ଜାଣିବା

# ୱେଷ୍ଟ ଟୁ ୱଣ୍ଡର ପାର୍କ












**ବ**ର୍ତ୍ତମାନ ଚାଲିଛି ପିଲାଙ୍କ ସମର ଭାକେଶନ୍। ଏହି ଭାକେଶନ୍‌କୁ ମନଭରି ଉପଭୋଗ କରିବା ପାଇଁ ପିଲାମାନେ ମାତାପିତାଙ୍କ ସହ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ଯା'ନ୍ତି। କେବଳ ସେତିକି ନୁହେଁ ସେହି ନୂଆ ସ୍ଥାନ ବିଷୟରେ ବିଭିନ୍ନ ଜ୍ଞାନ ମଧ୍ୟ ଆହରଣ କରନ୍ତି। ତେବେ ପିଲାଙ୍କ ଭାକେଶନକୁ ଆଉ ଟିକିଏ ମଜାଦାର କରିବା ଲାଗି ନିକଟରେ ସାଉଥ୍ ଦିଲ୍ଲୀଠାରେ ଉନ୍ମୋଚନ କରାଯାଇଛି ପୃଥିବୀର ସର୍ବପ୍ରଥମ ବର୍ଜ୍ୟବସ୍ତୁ ନିର୍ମିତ ସପ୍ତାଶ୍ଚର୍ଯ୍ୟ ପାର୍କ। ଯାହାର ନାଁ ରହିଛି 'ୱେଷ୍ଟ ଟୁ ୱଣ୍ଡର ପାର୍କ'। ଏହି ପାର୍କରେ ପୃଥିବୀର ସପ୍ତାଶ୍ଚର୍ଯ୍ୟ ଯଥା ତାଜମହଲ, ଏଫଲ ଟାୱାର, ଗ୍ରେଟ ପିରାମିଡ ଅଫ ଗିଜା, ଲିନିଙ୍ଗ ଟାୱାର ଅଫ୍ ପିସା ଆଦିର ମଡେଲକୁ ଅତି ସୁନ୍ଦର ଭାବେ ନିର୍ମାଣ କରାଯାଇଛି। ତେବେ ଏହି ସବୁ ମଡେଲକୁ ନିର୍ମାଣ କରିବା ଲାଗି ଲୁହା ରଡ, ଫ୍ୟାନ, ନଟ୍ ବୋଲ୍ଟ, ଆଇରନ୍ ଶିଟ୍, ବାଇସାଇକେଲ୍ ସ୍ପେୟାରପାର୍ଟ୍ସ ଆଦି ୧୫୦ ଟନ୍‌ର ବର୍ଜ୍ୟବସ୍ତୁ ବ୍ୟବହାର କରାଯାଇଛି। ୭ ଏକର ପରିମିତ ସ୍ଥାନରେ ୬୦ ଫୁଟ ଉଚ୍ଚ ଏଫଲ ଟାୱାର, ୨୦ ଫୁଟର ତାଜମହଲ ଆଦିର ମଡେଲ ନିର୍ମାଣରେ ପ୍ରାୟ ୭.୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ବର୍ଜ୍ୟ ବସ୍ତୁକୁ ପୁନଃ ବ୍ୟବହାର କରି କିଭଳି ଭାବେ ନୂଆ ଓ ସୃଜନାତ୍ମକ କଳା ଏବଂ ସ୍ଥାପତ୍ୟ ପ୍ରସ୍ତୁତ କରାଯାଇପାରିବ ସେହି ବିଷୟରେ ଜନ ସଚେତନତା ସୃଷ୍ଟି ଲାଗି ଏଭଳି ଏକ ନିଆରା ପାର୍କର ନିର୍ମାଣ କରାଯାଇଛି।





# ମଶା କାମୁଡ଼େ କାହିଁକି

**ମ**ନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ ହୋଇଥିଲେ ମଧ୍ୟ ଛାର୍ ମଶାମାନେ ତାର ଜୀବନକୁ ନର୍କରେ ପରିଣତ କରିଦେଲେଣି। ଜୀବନ ବ୍ୟତିବ୍ୟସ୍ତ ହୋଇଗଲାଣି। ମଶାକୁ ବିଶ୍ୱର ସର୍ବଶ୍ରେଷ୍ଠ ମରଣାନ୍ତକ ପତଙ୍ଗଭାବେ ଘୋଷଣା କରାଯାଇଛି। କୌଣସି ହିଂସ୍ର ଜୀବକୁ ଦେଖିଲେ ଆମେ ଲୁଚିଯାଉ କିମ୍ବା ତାକୁ ବେହୋସ୍ କରି ତା'ଠାରୁ ବର୍ତ୍ତିପାରିବା। ହେଲେ ମଶାମାନଙ୍କୁ ନା ଆମେ ସମ୍ପୂର୍ଣ୍ଣ ବେହୋସ୍ କରିପାରିବା ନା ତାଙ୍କଠୁ ଲୁଚି ରହିପାରିବା। ଦିନକୁ ଲକ୍ଷ ଲକ୍ଷ ମଶା ମାରିଲେ ମଧ୍ୟ ଆହୁରି ପ୍ରବଳ ବେଗରେ ରକେଟ୍ ପରି ସେମାନେ ବଂଶ ବିସ୍ତାର କରିଚାଲିଛନ୍ତି। ଆମେ ଭାବୁ ସବୁ ମଶା ଆମକୁ କାମୁଡ଼ନ୍ତି କିନ୍ତୁ ଏହା ସତ୍ୟ ନୁହେଁ। ଅଧିକାଂଶ ମଶା ବଞ୍ଚିବା ପାଇଁ ଗଛପତ୍ର ଏବଂ ଫୁଲରେ ଥିବା ପରାଗକୁ ଶର୍କରା ଖାଦ୍ୟରୂପେ ଗ୍ରହଣ କରିଥାନ୍ତି। ଆମକୁ କେବଳ ସ୍ତ୍ରୀ ମଶା କାମୁଡ଼ନ୍ତି। ପୁରୁଷ ମଶା ମନୁଷ୍ୟକୁ କାମୁଡ଼େ ନାହିଁ। ସ୍ତ୍ରୀ ମଶାମାନେ ମଣିଷ ରକ୍ତ ପିଅନ୍ତି। ସେମାନଙ୍କ ଖାଦ୍ୟ କିମ୍ବା ପୁଷ୍ଟି ପାଇଁ ନୁହେଁ ସେମାନେ ମଣିଷ ରକ୍ତରେ ଥିବା ପ୍ରୋଟିନ୍ ଓ ଅନ୍ୟାନ୍ୟ ଉପାଦାନକୁ ରକ୍ତରୁ ଶୋଷିନିଅନ୍ତି, ଯାହାକି ମଶାକୁ ଅଣ୍ଡା ଦେବାରେ ସାହାଯ୍ୟ କରେ। ଏହି କାରଣରୁ ମଶାମାନେ କାମୁଡ଼ନ୍ତି। ତୁମେ ମନ ଦେଇ ଦେଖିଲେ ଜାଣିବ ଯେ ମଶା କାମୁଡ଼ିବା ପୂର୍ବରୁ ପତଳା ଥାଏ ଏବଂ ଓଜନ କମ୍ ଥାଏ, କିନ୍ତୁ ସେ ମନୁଷ୍ୟକୁ କାମୁଡ଼ି ମନୁଷ୍ୟ ରକ୍ତ ପିଇବା ପରେ ଓଜନ ତିନିଚାରିଗୁଣ ବଢ଼ିଯାଏ।

ସ୍ତ୍ରୀ ମଶାର ଗୋଟିଏ ପତଳା ମୁନିଆଁ ଶୁଣ୍ଢଥାଏ। ଇଞ୍ଜେକ୍ସନ୍ ସିରିଞ୍ଜ ପରି ଶୁଣ୍ଢଟି ମଶାର ମୁହଁର ଅଗ୍ରଭାଗରେ ଥାଏ। ଏହି କାମୁଡୁଥିବା ଶୁଣ୍ଢକୁ ପ୍ରୋବୋସିସ୍ କୁହାଯାଏ। ସ୍ତ୍ରୀ ମଶା ମନୁଷ୍ୟ ରକ୍ତ ପିଇବାକୁ ସେତେବେଳ ପର୍ଯ୍ୟନ୍ତ ବସେ ଯେତେବେଳ ପର୍ଯ୍ୟନ୍ତ ତାକୁ ମନୁଷ୍ୟ ଶରୀରରେ ତାର ଲାଳକୁ କ୍ଷରଣ କରେ। ସେହି ଲାଳରେ କୋଆଗୁଲାଣ୍ଟ ନାମକ ଏକ ପଦାର୍ଥ ଥାଏ। ବେଳେବେଳେ ଆମେ ମଶା କାମୁଡ଼ିବା କଥା ଜାଣିପାରୁନାହୁଁ। କିନ୍ତୁ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଯୋଗୁ ଶରୀରରେ ହିଷ୍ଟାମିନ୍‌ର ଉତ୍ପତ୍ତି ହୁଏ। ହିଷ୍ଟାମିନ୍ ଯେତେବେଳେ ମଶା କାମୁଡ଼ିଥିବା ସ୍ଥାନରେ ପହଞ୍ଚେ ସେହି ଜାଗା ଟିକିଏ ଫୁଲିଯାଏ। ତାହା ଚର୍ମରେ ଏକ ଲାଲ୍ ଦାଗ ଛାଡିଦିଏ। ଫଳରେ ସେ ଜାଗାରେ ଥିବା ସ୍ନାୟୁରେ ପ୍ରଦାହ ହୋଇ କୁଣ୍ଡେଇ ହୁଏ। ମଶାର ଶୁଣ୍ଢ ଦୁଇଭାଗରେ ବିଭକ୍ତ। ସେଥିମଧ୍ୟରୁ ଗୋଟିଏ ଭାଗ ଦେଇ ଲାଳ କ୍ଷରଣ ହୁଏ ଯାହା ରକ୍ତରେ ମିଶି ରକ୍ତକୁ ପତଳା କରିଦିଏ ଓ ପ୍ରୋବୋସିସ୍ ମାଧ୍ୟମରେ ତା'ର ପେଟକୁ ଯାଏ। ସେହି ଲାଳରେ ଥିବା ଜୀବାଣୁ ଅନେକ ରୋଗ ସୃଷ୍ଟି କରେ। ସାଧାରଣତଃ ମଶାମାନେ ସେମାନଙ୍କୁ କାମୁଡ଼ନ୍ତି ଯେଉଁମାନେ ମଦ୍ୟପାନ କରନ୍ତି, ଯେଉଁମାନେ ଅଧିକ କାର୍ବନଡାଇଅକ୍ସାଇଡ଼ ଛାଡ଼ନ୍ତି, ଯେଉଁ ଲୋକଙ୍କ ଶରୀରରେ ଅଧିକ ପରିମାଣରେ କୋଲେଷ୍ଟରଲ୍ ଥାଏ, ଯେଉଁମାନେ ଅଧିକ ୟୁରିକ୍ ଏସିଡ୍ ପରିତ୍ୟାଗ କରନ୍ତି, ଯେଉଁମାନଙ୍କ ବ୍ଲଡଗ୍ରୁପ୍ 'ଓ' ହୋଇଥାଏ। ତା'ଛଡା ଯେଉଁ ବ୍ୟକ୍ତିମାନଙ୍କ ଶରୀରରୁ ଅଧିକ ଝାଳ, ତାପ, ଲାକ୍ଟିକ୍‌ଏସିଡ୍ ଆଦି କ୍ଷରଣ ହୁଏ, ସେମାନଙ୍କୁ ଅଧିକ ମଶା କାମୁଡ଼େ। ମଶାଭଳି ମରଣାନ୍ତକ ପତଙ୍ଗଠାରୁ ରକ୍ଷା ପାଇବାକୁ ହେଲେ ସଚେତନତା ଅବଲମ୍ବନ କରିବା ଆବଶ୍ୟକ।

– **ମାନସୀ ସ୍ୱାଇଁ,** ବାଉଁଶଲୁଣ୍ଡି, ଭଞ୍ଜନଗର



୧



୨




୩



୪



୯



୫



୬



୭



୮



୧୦



୧
ଭବାଂଶୀ ହୋତା
କ୍ଲାସ-୪,ସାରସ୍ୱତ ବାଲମନ୍ଦିର, ଜୟପୁର



୨
ସୌମ୍ୟରଞ୍ଜନ ସାହୁ
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରଗଡ ବ୍ରିଟ୍ କଲୋନୀ,ଭୁବନେଶ୍ୱର



୩
ମନସ୍ୱିନୀ ସାହୁ
କ୍ଲାସ-୯, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



୪
ଲେସ୍‌ଲୀ ଲୁରିନ ବେହେରା
କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ-୪, ଭୁବନେଶ୍ୱର



୫
ଅଂଶିକ୍ ପ୍ରିୟଦର୍ଶୀ ପଣ୍ଡା
କ୍ଲାସ-୭, ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ, ବ୍ରହ୍ମପୁର



୬
ସିଦ୍ଧି ସ୍ୱରୂପା
କ୍ଲାସ-୧, ସେଣ୍ଟ ଜାଭିୟର ହାଇସ୍କୁଲ, ଭୁବନେଶ୍ୱର



୭
ପ୍ରତୀକ୍ଷା ସାମନ୍ତରାୟ
କ୍ଲାସ-୬, ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ



୮
ସାତ୍ୱିକୀ ରଞ୍ଜନ ପଣ୍ଡା
କ୍ଲାସ-୧, କୋଲା ପେରୁମାଲ୍ ସ୍କୁଲ, ଚେନ୍ନାଇ



୯
ଉଷାଶ୍ରୀ ପ୍ରିୟଦର୍ଶିନୀ
କ୍ଲାସ-୩, ଓଡିଏମ୍ ପବ୍ଲିକ୍ ସ୍କୁଲ, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର



୧୦
ଅଭୀଲିପ୍ସା ସ୍ୱାଇଁ
କ୍ଲାସ-୯, ସେଣ୍ଟ ଜାଭିୟର ହାଇସ୍କୁଲ, ନୂଆବଜାର, କଟକ

## କବିତା

## ଚଇତାଳି ଖରା



ଚଇତାଳି ଖରା
ଶେଷ ହେଲା ପରା
ବଇଶାଖ ଝାଞ୍ଜି ବହିଲା,
ଆମ୍ବ ତୋଟା ମାଳେ
ପତର ଗହଳେ
ଆମ୍ବ ପାଚି ଶୋଭା ଦିଶିଲା ।
ଅଙ୍ଗ କଳା ରଙ୍ଗ
କୋଇଲି ବିହଙ୍ଗ
ତରୁ ଡାଳେ ଗୀତ ଗାଇଲା,
କୁହୁ କୁହୁ ସ୍ବର
କେଡ଼େ ସୁମଧୁର
ସବୁରି ମନକୁ ମୋହିଲା ।
ଦହି ପଖାଳକୁ
ଦେଖିଲା ବେଳକୁ
ମନ ସେଇଆଡ଼େ ଟାଣିଲା,
ନିଆଁ ହୁଳା ଧରି
ଦିଗନ୍ତ ବିସ୍ତାରି
ଝାଞ୍ଜି ବାଆ ସିନା ଆସିଲା ।
ରଜ, ସଜବାଜ
ପରବ ମଉଜ
ବେଳକୁ ନରମି ପଡ଼ିଲା ।

**-ବସନ୍ତ କୁମାର ଦାସ**
*ରମ୍ଭା, ବରି, ଯାଜପୁର*
*ମୋ: ୯୪୩୭୫୯୭୮୯୬*

## ଗ୍ରୀଷ୍ମ ପ୍ରଖର

ଧରା ବକ୍ଷେ ଖେଳଇ ଋତୁ ଚକର,
ବସନ୍ତ ଅନ୍ତେ ଆସେ ଗ୍ରୀଷ୍ମ ପ୍ରଖର ।
ଧୀରେ ଧୀରେ ତାତି ମହୀ ମଣ୍ଡଳ,
ଦିଶଇ ଆକାଶ ଆହାକି ଉଜ୍ଜ୍ୱଳ ।
ବଢ଼ଇ ଉତ୍ତାପ ଯେ ବେଳକୁ ବେଳ,
ଶୁଖାପଡ଼େ ଗଡ଼ିଆ, ପୋଖରୀ
ନାଳ ।
ଖରାଦିନେ ପଡ଼ଇ ଜମି ପଡ଼ିଆ,
ଶୁଖିଲା ଭୂଇଁରେ ଭାଙ୍ଗେ ନଡ଼ିଆ ।
ଦିନରାତି ଝାଞ୍ଜି ପବନ ବହଇ,
ଦେହରୁ ବହୁଥାଏ ଝାଳର ନଈ ।
ଛତା କଲା ଆଶରା ପଥିକ
ଭାଇ,
ପଥରେ ବାଟୋଇ
ଖୋଜେଟି ଛାଇ ।
ଅଂଶୁଘାତର ଯେ ବାଜିଲା
ବାଜା,
ନ ବୁଲଇ ଖରାରେ ନ ମଣି
ମଜା ।
ଉତ୍ତାପେ ପାନ୍ତି ଜନେ ବହୁତ
କଷ୍ଟ,
ଜଳ ବିନେ ପଶୁପକ୍ଷୀ ହୋନ୍ତି
ନଷ୍ଟ ।



**-ଡା. ବିଜ୍ଞାନାନନ୍ଦ ମହାନ୍ତି**
*୩୫, ସୂର୍ଯ୍ୟନଗର, ଭୁବନେଶ୍ୱର*

## କହିଲ ଦେଖି



କଣ୍ଟକିତ ବୃନ୍ତେ ଫୁଲ ସୁନ୍ଦର
ନ ଥିଲେ ନ ଥାଉ ବାସ ତାହାର ।
ଅକ୍ଷର ତିନିରେ ନାମ ବହି
ହସୁଥାଏ ବଗିଚାରେ ରହି ।।
ଚାଚା ନେହେରୁ ସ୍ୱବକ୍ଷସ୍ଥଳେ
ରଖୁଥିଲେ ଯତ୍ନେ ସଦାବେଳେ ।।
ପ୍ରଥମ ତୃତୀୟ କୃଷ୍ଣଲୀଳା ସ୍ଥାନ
ତୃତୀୟେ ଦ୍ୱିତୀୟେ ନିକିତିରେ ଆଣ ।
ପ୍ରଥମ ଦୁଇରେ ଏକ ଜାତି ବୁଝାଏ
ବିଭିନ୍ନ ରଙ୍ଗରେ ଫୁଟି ଶୋଭାପାଏ ।
ଶହୀଦଠାରୁ ଶୋଭାଯାତ୍ରା ଯାଏ
ଆନନ୍ଦ ବିଷାଦ ସମ୍ବର୍ଦ୍ଧନା ଥାଏ ।
ଦୁଃଖଦ ସ୍ଥଳେ ସୃଷ୍ଟି ସୁଖଦ
କହିବ ଦେଖି ଏପରି କିଛି ସମ୍ପଦ
ପାଇବ କଷ୍ଟକରି ଜୀବନେ
ସର୍ବଦା ପରୀକ୍ଷା ଭବନେ ।।

**ଉତ୍ତର: ଗୋଲାପ**



କାଠରେ ତିଆରି ନୁହେଁ କାଠୁଆ
ପେଟପାଟଣା ପାଇଁ ନାଉରିଆ
ବରଷା ଦିନରେ କରେ ଆଦର
ଖରାଦିନେ ଶୋଇଯାଏ ନୀଡ଼ର
ଜଳପଥ ପରେ ପଣ୍ୟ ଦରବ
ଗମନାଗମନେ ଲୋଡ଼ା ସରବ
ଆହୁଲା କାତରେ କରଇ ଗତି
ତଲେଇ ଟାଣେ ପବନ ସ୍ଥିତି
ସାଧବ ପୁଅର ବେପାର ପାଇଁ
ସାଗର ବୁକୁରେ ବିଦେଶ ଯାଇ ।

**ଉତ୍ତର: ନଉକା**

**-ରମାକାନ୍ତ ପୁରୋହିତ,** ନିରାକାରପୁର, ଖୋର୍ଦ୍ଧା

## ମୋ ଆଶା

ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ରେ ଫଳର ରାଜା ଆମ୍ବ,ସୁଖ ଓ ଶାନ୍ତି,କହିଲେ ମଲା ନ କହିଲେ ମଲା,ୱିକିପିଡିଆ,ଦୁବାଇର ମିରାକଲ ଗାର୍ଡେନ ପରି ରହିଛି କେତୋଟି ଶିକ୍ଷଣୀୟ ତଥ୍ୟ । ସୁମନ୍ତ କୁମାର ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୧୫ଟଙ୍କା ।
ଯୋଗାଯୋଗ: ମୋ ଆଶା, ଲିଟିଲ୍ ଷ୍ଟାର ଗ୍ରୁପ୍,ପାଟପୁର,ନିମାପଡା,ପୁରୀ ।







## ଏଥରର ପ୍ରଶ୍ନ ?

- ଆମେରିକାରେ ପ୍ରଚଳିତ ମୁଦ୍ରାର ନାମ କ'ଣ ?
- ୟେନ୍ କେଉଁ ଦେଶର ପ୍ରଚଳିତ ମୁଦ୍ରା ?
- ବାଂଲାଦେଶରେ ପ୍ରଚଳିତ ମୁଦ୍ରାର ନାମ କ'ଣ ?
- ଶ୍ରୀଲଙ୍କାରେ କେଉଁ ମୁଦ୍ରାର ପ୍ରଚଳିତ ହୁଏ ?
- ଇଂଲଣ୍ଡରେ ପ୍ରଚଳିତ ମୁଦ୍ରାର ନାମ କ'ଣ ?

## ଆର ଥରର ଉତ୍ତର

* ଭାରତୀୟ ସମ୍ବିଧାନ
* ରାଷ୍ଟ୍ରପତି
* ୭ଟି
* ରାଜ୍ୟ ସଭା ଓ ଲୋକ ସଭା
* ବାଚସ୍ପତି

# ଜଣା ଅଜଣା



✲ ଗ୍ଲାସ୍ ଜେମ୍ ନାମକ ଏକ ପ୍ରକାର ମକା ରହିଛି, ଯାହାର ମଞ୍ଜିଗୁଡିକ ବିଭିନ୍ନ ରଙ୍ଗର କାଚ ଗୋଲି ଭଳି ଦେଖାଯାଏ।



✲ମଣିଷଙ୍କ ଭଳି ହାତୀ ଖୁବ୍ ସମ୍ବେଦନଶୀଳ। ଏମାନେ ପରସ୍ପରର ଶୁଣ୍ଢକୁ ଗୁଡାଇ ଅଭିନନ୍ଦନ ଜଣାଇଥାନ୍ତି।



✲ ୧୪୫୪-୧୪୫୫ ମସିହା ମଧ୍ୟରେ ଛପା ଯାଇଥିବା ଗୁଟେନବର୍ଗ ବାଇବେଲକୁ ଗିନିଜ୍‌ୱାର୍ଲ୍ଡ ରେକର୍ଡ ପକ୍ଷରୁ ପୃଥିବୀର ସବୁଠାରୁ ପୁରାତନ ମେସିନ୍ ପ୍ରିଣ୍ଟ ପୁସ୍ତକର ମାନ୍ୟତା ଦିଆଯାଇଛି।



✲ ନାଲି ଆଖିଧାରୀ 'ରେଡ୍ ଆଇ ଟ୍ରି ଫ୍ରଗ୍' ଗଛରେ ବାସ କରନ୍ତି। ଏମାନେ ଗଛରେ ଅଣ୍ଡା ମଧ୍ୟ ଦିଅନ୍ତି। ଅଣ୍ଡାରୁ ଛୁଆ ହେଲାପରେ ବେଙ୍ଗଫୁଲାଗୁଡିକ ପାଣିକୁ ଚାଲିଯାନ୍ତି ଏବଂ ବଡ ହେଲା ପରେ ପୁଣି ଗଛ ଉପରକୁ ଚାଲି ଆସନ୍ତି।



✲ ଅକ୍ଟୋପସ୍ ନିଜର ବାହୁ ସାହାଯ୍ୟରେ ଖାଦ୍ୟର ସ୍ୱାଦ ବାରିପାରେ।



✲ ୟେମେନ୍‌ର ସୋକୋତ୍ରା ଦ୍ୱୀପରେ ବିଭିନ୍ନ ଦୁର୍ଲଭ ପ୍ରଜାତିର ବୃକ୍ଷ ଦେଖାଯାଏ । ଏଠାରେ ଥିବା 'ଡ୍ରାଗନ୍ ବ୍ଲଡ୍ ଟ୍ରି'କୁ କାଟିବା ଦ୍ୱାରା ସେଥିରୁ ନାଲି ରକ୍ତ ଭଳି ଲସା ବାହାରିଥାଏ।

# ଆଇନା



ସାର୍ଥକ ୫ ବର୍ଷ



ଆଦ୍ୟାଶା ୮ ବର୍ଷ



ତେଜସ୍ୱିନୀ ୯ ବର୍ଷ